# ପ୍ରଚଳିତ ବଜେଟ୍ ପ୍ରସ୍ତୁତି, ବିତର୍କ ଓ ଅନୁମୋଦନ ପ୍ରକ୍ରିୟା- ଏକ ଔପନିବେଶିକ ପରମ୍ପରା

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାରୀ ବଜେଟ୍‌ର ପ୍ରସ୍ତୁତି ଓ ଅନୁମୋଦନ ସହିତ ଏହାର କାର୍ଯ୍ୟପକାରିତାର ତଦାରଖ ପ୍ରକ୍ରିୟାରେ ଲୋକପ୍ରତିନିଧିମାନେ ସିଧାସଳଖ ଭାଗ ନେବାର ବ୍ୟବସ୍ଥା ସାମ୍ବିଧାନିକ ଓ ଆଇନ୍‌ଗତ ମାନ୍ୟତା ପାଇବା କଥା । ଏହାଛଡା ଏକ ଗଣତାନ୍ତ୍ରିକ ବ୍ୟବସ୍ଥାର ତଳସ୍ତରରେ ଥିବା ପଞ୍ଚାୟତି ଓ ସ୍ୱାୟତ୍ତଶାସନ ସଂସ୍ଥା ଗୁଡିକର ମତାମତ ତଥା ଅଟକଳକୁ ଭିତ୍ତିକରି କେନ୍ଦ୍ର ଓ ରାଜ୍ୟର ବିଧାନ-ପ୍ରଣୟନକାରୀ ଗୃହରେ ମୁକ୍ତବିତର୍କ ଜରିଆରେ ବଜେଟ୍ ପ୍ରକ୍ରିୟା ଚୂଡାନ୍ତ ରୂପ ନେବା ଆବଶ୍ୟକ । ଏହାଛଡା ସମ୍ବାଦ ପତ୍ର ଓ ଗଣମାଧ୍ୟମଗୁଡିକର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ବଜେଟ୍ ପ୍ରକ୍ରିୟାକୁ ସାଧାରଣ ନାଗରିକଙ୍କ ପାଖରେ ପହଁଚାଇବା ଓ ସେମାନଙ୍କର ମତାମତକୁ ପ୍ରତିଫଳନ କରିବା କ୍ଷେତ୍ରରେ ।

କିନ୍ତୁ ଆମଦେଶ ୧୯୪୭ରେ ସ୍ୱାଧିନତା ଲାଭ କରି ୧୯୫୦ ରେ ଏକ ଗଣତାନ୍ତ୍ରିକ ପ୍ରଜାତନ୍ତ୍ର ରୂପେ ଏହାର ସମ୍ବିଧାନ ଘୋଷଣା କରିଥିଲେ ହେଁ, ବଜେଟ୍ ପ୍ରସ୍ତୁତି ଓ ଅନୁମୋଦନର ପ୍ରକ୍ରିୟା ଏବେସୁଦ୍ଧା ଗଣତାନ୍ତ୍ରିକରଣ ହୋଇପାରିନାହିଁ । ସାଧାରଣ ଲୋକ ଓ ପଂଚାୟତ ବା ପୌରସଭାର ପ୍ରତିନିଧିଙ୍କ କଥା ଦୂରେ ଥାଉ, ପାର୍ଲାମେଣ୍ଟ ଓ ବିଧାନସଭାର ସଭ୍ୟମାନଙ୍କର ମଧ୍ୟ ବଜେଟ୍ ପ୍ରକ୍ରିୟାକୁ ବାସ୍ତବ ଓ ଯଥାର୍ଥଭାବେ ପ୍ରଭାବିତ ବା ନିୟନ୍ତ୍ରିତ କରିବାର ସାମ୍ବିଧାନିକ ଅଧିକାର ଏପର୍ଯନ୍ତ ମିଳିପାରିନାହିଁ । ବିଦେଶୀଶାସନ ସମୟରେ ବଜେଟ୍ ପ୍ରସ୍ତୁତି ଓ ଅନୁମୋଦନ ପ୍ରକ୍ରିୟା ଯେପରି ଏକ ରହସ୍ୟାବୃତ୍ତ ଅମଲାତାନ୍ତ୍ରିକ କାରବାର ଥିଲା, ବର୍ତ୍ତମାନ ମୋଟାମୋଟି ସେହି ସ୍ଥିତି ହିଁ କାଏମ୍ ରହିଛି ଓ ଆମର ସମ୍ବିଧାନ ତାହାକୁ ସ୍ୱୀକୃତି ଦେଇଚାଲିଛି ।

## ବଜେଟ୍ ସମ୍ବନ୍ଧୀୟ ସାମ୍ବିଧାନିକ ବ୍ୟବସ୍ଥା

ସମ୍ବିଧାନର ଧାରା ୧୧୨ଓ ୧୧୩ ରେ କେନ୍ଦ୍ରୀୟ ବଜେଟ୍ ଓ ଧାରା ୨୦୨ ଓ ୨୦୩ ରେ ରାଜ୍ୟ ବଜେଟ୍ ର ସଂଜ୍ଞା ଓ ଲୋକପ୍ରତିନିଧିମାନଙ୍କ ଦ୍ୱାରା ଅନୁମୋଦନ ପ୍ରକ୍ରିୟା ସମ୍ବନ୍ଧରେ ଯଥାକ୍ରମେ ଉଲ୍ଲେଖ ରହିଛି । ତୁଳନା କଲେ ଜଣାଯିବ ଯେ, ରାଷ୍ଟ୍ରପତି ଜାଗାରେ ରାଜ୍ୟପାଳ, ପାର୍ଲାମେଣ୍ଟ ଜାଗାରେ ବିଧାନସଭା ଭଳି ଶବ୍ଦଗତ ପ୍ରଭେଦକୁ ବାଦଦେଲେ, କେନ୍ଦ୍ରୀୟ ବଜେଟ୍ ଓ ରାଜ୍ୟ ବଜେଟ୍ ସଂବନ୍ଧୀୟ ବିଧିବ୍ୟବସ୍ଥା ମଧ୍ୟରେ କିଛି ଫରକ୍ ନାହିଁ । ଗୋଟିଏକୁ ବୁଝିଲେ, ଅନ୍ୟଟିକୁ ସହଜରେ ବୁଝିହେବ । ବର୍ତ୍ତମାନ କିନ୍ତୁ ଆମେ ରାଜ୍ୟବଜେଟ୍ ଉପରେ ଆମର ଆଲୋଚନାକୁ କେନ୍ଦ୍ରୀଭୂତ କରିବା ।

ଧାରା ୨୦୨ ଅନୁଯାୟୀ ରାଜ୍ୟପାଳ ବାର୍ଷିକ ଆର୍ଥିକ ବିବରଣୀ ( **Annual Financial Statement**) ବା ଗୋଟିଏ ବର୍ଷର ଆୟ ଓ ବ୍ୟୟର ଅଟକଳ ବା ବଜେଟ୍ ବିଧାନସଭାରେ ଆଗତ କରାଇବେ । ଗୋଟିଏ ରାଜ୍ୟର ବ୍ୟୟବରାଦକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯଥା ରାଜ୍ୟର ସମୂହ ପାଣ୍ଠି ( **Consolidated Fund of State** ) ଉପରେ ବିଧିନ୍ୟସ୍ତ ବ୍ୟୟବରାଦ ( **Charged Expenditure** ) ଏବଂ ଅନ୍ୟାନ୍ୟ ବ୍ୟାପାରରେଏହି ପାଣ୍ଠିରୁ ବ୍ୟୟବରାଦ ( **Other Expenditure**) ।

ଏହିଧାରାର ୩ ଉପଧାରାରେ ବିଧିନ୍ୟସ୍ତ ବ୍ୟୟର ପ୍ରକାରଭେଦ ସମ୍ବନ୍ଧରେ ସୂଚନା ଦିଆଯାଇଛି । ଏହାକୁ ଭିତ୍ତିକରି ଓଡିଶା ବଜେଟ୍ ମାନୁଆଲ୍ ୧୯୬୩ ର ସଂଲଗ୍ନ ନଥି-୨ ( **Appendix- II** ) ରେ ମୋଟ୍ ୧୦ ପ୍ରକାର ବିଧିନ୍ୟସ୍ତ ବ୍ୟୟବରାଦର ବର୍ଣ୍ଣନା କରାହୋଇଛି, ଯେଉଁଥିରେ ଅଛି, ରାଜ୍ୟପାଳ ଓ ତାଙ୍କ କାର୍ଯ୍ୟାଳୟର ସମସ୍ତ ଖର୍ଚ୍ଚ , ରାଜ୍ୟପାଳଙ୍କ ଅଧିନସ୍ଥ ସମସ୍ତ ସଚିବାଳୟ କର୍ମଚାରୀଙ୍କ ବେତନ, ଭତ୍ତା, ବାସଗୃହ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବାବଦରେ ଖର୍ଚ୍ଚ, ବିଧାନସଭାର ବାଚସ୍ପତି ଓ ଉପବାଚସ୍ପତିଙ୍କ ବେତନ ଓ ଭତ୍ତା, ରାଜ୍ୟ କରିଥିବା ଋଣ ଓ ସୁଧର ପରିଶୋଧ ତଥା ପ୍ରସ୍ତାବିତ ଋଣ ହାସଲପାଇଁ ଆବଶ୍ୟକୀୟ ଖର୍ଚ୍ଚ, ହାଇକୋର୍ଟର ବଚାରପତିମାନଙ୍କ ବେତନ ଓ ଭତ୍ତା, ହାଇକୋର୍ଟର ସମସ୍ତ କର୍ମଚାରୀଙ୍କ ବେତନ, ଭତ୍ତା ଓ ପେନସନ୍ ସମେତ ସମସ୍ତ ପ୍ରଶାସନିକ ବ୍ୟୟ, ରାଜ୍ୟ ପବ୍ଲିକ୍ ସର୍ଭିସ୍ କମିଶନ୍‌ର ସଭ୍ୟ ଓ କର୍ମଚାରୀଙ୍କ ବେତନ, ଭତ୍ତା ଓ ପେନସନ୍ ସମେତ ସମସ୍ତ ପ୍ରଶାସନିକ ବ୍ୟୟ, ବିଭିନ୍ନ ମାଲି ମୋକଦ୍ଦମା ପରିପ୍ରେକ୍ଷିରେ କୋର୍ଟ ଓ ଟ୍ରିବ୍ୟୁନାଲ୍ ଦ୍ୱାରା ସ୍ଥିରୀକୃତ ହୋଇଥିବା ସରକାରଙ୍କ ଉପରେ ଦେୟ. ସମ୍ବିଧାନର ୨୯୦ ଧାରା ଅନୁଯାୟୀ ସ୍ୱାଧିନତା ପୂର୍ବରୁ ଇଂରେଜମାନଙ୍କ ଶାସନାଧୀନ ହୋଇ କାର୍ଯ୍ୟକରୁଥିବା ଅଫିସ୍, କୋର୍ଟ ବା କମିଶନ୍‌ର ପ୍ରଶାସନିକ ବ୍ୟୟ ସମେତ ସଂଶ୍ଳିଷ୍ଟ କର୍ମଚାରୀମାନଙ୍କ ପେନସନ୍ ବାବଦ ଖର୍ଚ୍ଚ, ତଥା ସମ୍ବିଧାନ ଓ ବିଧାନସଭାଦ୍ୱାରା ସ୍ଥିରୀକୃତ ଅନ୍ୟାନ୍ୟ ବ୍ୟୟସମୂହ ।

ଅନ୍ୟାନ୍ୟ ବ୍ୟୟ (other expenditure) ବା ବ୍ୟୟଦାବୀ ( Demand for Grants) ହେଲା, ସରକାରଙ୍କ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବୀ, ଯାହାକି ରାଜ୍ୟପାଳଙ୍କ ସୁପାରିଶ୍ ମତେ ବିଧାନସଭାରେ ଆଲୋଚନା ପାଇଁ ପେଶ୍ କରାଯାଇଥାଏ । ଏଠାରେ ଉଲ୍ଲେଖନୀୟ ଯେ, ଏହି ଅନ୍ୟାନ୍ୟ ବ୍ୟୟଦାବୀଗୁଡିକର ଜନସ୍ୱାର୍ଥ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଗ୍ରାମ ଉନ୍ନୟନ, ପଂଚାୟତିରାଜ, ମହିଳା ଓ ଶିଶୁ ବିକାଶ ଇତ୍ୟାଦି କ୍ଷେତ୍ର ସହିତ ପ୍ରତ୍ୟକ୍ଷ ସଂପର୍କ ରହିଛି ।

ସମ୍ବିଧାନର ଧାରା ୨୦୩ ରେ ବିଧାନସଭାରେ ବଜେଟ୍ ଅନୁମୋଦନ ପ୍ରକ୍ରିୟା ସମ୍ବନ୍ଧରେ ଅବତାରଣା କରାଯାଇଛି । ଏହାର ଉପଧାରା ୧ ରେ କୁହାଯାଇଛି ଯେ, ରାଜ୍ୟର ସମୂହ ପାଣ୍ଠି ଉପରେ ବିଧିନ୍ୟସ୍ତ ବ୍ୟୟବରାଦ ( Expenditure charged on Consolidated Fund of the State) ଉପରେ ବିଧାୟକ ମାନେ କେବଳ ବିତର୍କ କରିପାରିବେ, କିନ୍ତୁ ଏହାର ସଂଶୋଧନ ପାଇଁ ଭୋଟ୍ ହୋଇ ପାରିବ ନାହିଁ । ଉପଧାରା ୨ ରେ କୁହାଯାଇଛି ଯେ, ଅନ୍ୟାନ୍ୟ ବ୍ୟୟଦାବୀ ( Demands for Grants) ଉପରେ ଭୋଟ୍ ନିଆଯାଇପାରିବ, କିନ୍ତୁ କୌଣସି ଏକ ବ୍ୟୟଦାବୀର ପରିମାଣକୁ କମାଇବା ପାଇଁ, ବଢାଇବାକୁ ନୁହେଁ । ସମ୍ବିଧାନ ଭାଷାରେ, "the Legislative Assembly shall have power to assent, or to refuse to assent, to any demand, or to assent to any demand subject to reduction of the amount specified therein." ଉପଧାରା ୩ ରେ କୁହାଯାଇଛି ଯେ, ରାଜ୍ୟପାଳଙ୍କ ବିନା ସୁପାରିଶ୍‌ରେ କୌଣସି ବ୍ୟୟଦାବୀ ଗୃହରେ ଉପସ୍ଥାପିତ ହୋଇପାରିବ ନାହିଁ ।

ସୁତରାଂ ସମ୍ବିଧାନର ଉପରୋକ୍ତ ବ୍ୟବସ୍ଥାରୁ ଏକଥା ସଂପୂର୍ଣ୍ଣଭାବେ ସ୍ପଷ୍ଟଯେ, ଲୋକମାନଙ୍କ ଦ୍ୱାରା ନିର୍ବାଚିତ ବିଧାୟକମାନେ ଗୃହରେ ଯେତେଯାହା ପାଟିତୁଣ୍ଡ କଲେ ମଧ୍ୟ ଅମଲାତନ୍ତ୍ର ପିଛା ବ୍ୟୟବରାଦକୁ କମାଇପାରିବେ ନାହିଁ, କିମ୍ବା ଜନସ୍ୱାର୍ଥଜଡିତ ବ୍ୟୟବରାଦକୁ ବଢାଇପାରିବେ ନାହିଁ ।

## ଓଡିଶା ବଜେଟ୍ ମାନୁଆଲ୍ ୧୯୬୩

ଉପରୋକ୍ତ ସାମ୍ବିଧାନିକ ବ୍ୟବସ୍ଥାକୁ ଓଡିଶା ବଜେଟ୍ ମାନୁଆଲ୍ ଧାରା ୧ରେ ସୁସ୍ପଷ୍ଟ ଭାଷାରେ କହିଛି -"The estimates of expenditure embodied in the Annual Financial Statement show separately two main classes of expenditure- one is subject to the vote of the Legislature and the other does not require the vote of the Legislature. The latter class of expenditure is described as "expenditure charged on the Consolidated Fund of the State. These two classes of expenditure are commonly known as "Voted" and "Charged" expenditure." ଅର୍ଥାତ୍ ବିଧିନ୍ୟସ୍ତ ବ୍ୟୟବରାଦ ଉପରେ ବିଧାନସଭାରେ ଭୋଟ୍ ହୋଇ ପାରିବ ନାହିଁ, କିନ୍ତୁ ଅନ୍ୟ ପ୍ରକାର ବ୍ୟୟବରାଦ ପ୍ରସ୍ତାବ ଉପରେ ଭୋଟ୍ ହୋଇପାରିବ । ଆମେ ଆଗରୁ ଜାଣି ସାରିଛେ, ଏହି ତଥାକଥିତ ଭୋଟ୍ ଅନ୍ୟାନ୍ୟ ବ୍ୟୟଦାବୀକୁ କମାଇବା ପାଇଁ ହୋଇପାରିବ, କିନ୍ତୁ ବଢାଇବାକୁ ନୁହେଁ ।

ଓଡିଶା ବଜେଟ୍ ମାନୁଆଲ୍‌ର ଅନୁଭାଗ ୩, ଧାରା ୪୬ରେ କୁହାଯାଇଛି ଯେ, "One of the most important duties of Controlling Officer, as an Estimating Officer, is to keep himself thoroughly acquainted with the progress of the revenue and expenditure under control. He is charged with the administration of those numerous matters in respect of which Government is debtor or creditor, so far as his department is concerned, and it is his duty to see that proper estimates are made of all these transactions." ଅର୍ଥାତ୍ ଜଣେ ଅଧିକାରୀ ହିଁ ଏକାଧାରରେ ତଦାରଖକାରୀ ଓ ଅଟକଳକାରୀର ଭୂମିକା ନେଇପାରିବେ ଏବଂ ସେ ଏହି ଉଭୟ ଦାୟିତ୍ୱ କର୍ତ୍ତବ୍ୟନିଷ୍ଠା ସହକାରେ ତୁଲାଇବେ ବୋଲି ଆଶା କରାଯାଏ । ମାନୁଆଲ୍‌ର ସଂଲଗ୍ନ ନଥି ସଂଖ୍ୟା-୫ (Appendix-V) ରେ ଏକ ବିଶଦ୍ ତାଲିକା ଦିଆ ହୋଇଛି, ଯେଉଁଥିରେ ବଜେଟ୍ ହେଡ୍ ସହିତ ଏହାର ଅଟକଳକାରୀ ଓ ତଦାରଖକାରୀ ଅଧିକାରୀଙ୍କ ପଦବୀ ସୂଚୀତ ହେବା ସଙ୍ଗେ ସଙ୍ଗେ ସଂପୃକ୍ତ ପ୍ରଶାସନିକ ବିଭାଗ ଓ କେଉଁ ତାରିଖ ସୁଦ୍ଧା ଅଟକଳମାନ ହିସାବ-ମହାରକ୍ଷକଙ୍କ ପାଖରେ ପହଁଚିବ, ସେ ବିଷୟରେ ଦର୍ଶାଯାଇଛି । କିନ୍ତୁ ଏଠାରେ ସ୍ୱାଭାବିକ ପ୍ରଶ୍ନ ଉଠୁଛି- ଯିଏ ଅଟକଳ କରିବ, ସେ ଯଦି ତଦାରଖ କରେ, ତେବେ ଅର୍ଥ ଆୟବ୍ୟୟରେ ଯଥେଚ୍ଛାଚାରିତା ଦେଖାଯିବ ନାହିଁକି ? ପୁଣି ଅଟକଳ ଓ ତଦାରଖ ପ୍ରକ୍ରିୟାରେ ଲୋକପ୍ରତିନିଧିମାନଙ୍କ ଭୂମିକା ରହିଲା କେଉଁଠି ?

ବଜେଟ୍ ପ୍ରସ୍ତୁତି ଓ ଅନୁମୋଦନ ପ୍ରକ୍ରିୟାକୁ ଅତି କୌଶଳରେ ଲୋକ ପ୍ରତିନିଧିମାନଙ୍କ ନିୟନ୍ତ୍ରଣରୁ ଅଲଗା ରଖି, ଏହାକୁ ଅମଲାତନ୍ତ୍ରର ଏକ ଏକଚାଟିଆ ବ୍ୟାପାର କରି ରଖୁଥିବା ସାମ୍ବିଧାନିକ ବ୍ୟବସ୍ଥାସମୂହକୁ ଭିତ୍ତିକରି ପ୍ରତି ପ୍ରଦେଶରେ ଗୋଟିଏ ଗୋଟିଏ ବଜେଟ୍ ମାନୁଆଲ୍ ତିଆରି ହୋଇଛି । ବର୍ତ୍ତମାନ ଆମ ରାଜ୍ୟରେ ଓଡିଶା ବଜେଟ୍ ମାନୁଆଲ୍‌ର ୧୯୬୩ ସଂସ୍କରଣ ଚାଲୁ ରହିଛି । ପ୍ରଥମ ବଜେଟ୍

ମାନୁଆଲ୍ ତିଆରି ହୋଇଥିଲା ,୧୯୪୦ରେ, ଇଂରେଜ ଶାସନ କାଳରେ । ଭାରତ ସ୍ୱାଧୀନ ହେବା ଏବଂ ତାପରେ ସମ୍ବିଧାନ ଘୋଷଣା ହେବାପରେ ମଧ୍ୟ ବହୁବର୍ଷଧରି, ଏହି ପୁରାତନ ମାନୁଆଲ୍ ୧୯୫୮ ମସିହା ଯାଏଁ ଚାଲୁ ରହିଥିଲା । ୧୯୫୮ ମସିହାରେ ସାମାନ୍ୟ ସଂଶୋଧନ କରାଯାଇ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା । ତାପରେ ଆଉକିଛି ସଂଶୋଧନ କରାଯାଇ ୧୯୬୩ରେ ବର୍ତ୍ତମାନ ପ୍ରଚଳିତ ଥିବା ମାନୁଆଲ୍ ( ତୃତୀୟ ସଂସ୍କରଣ ) ପ୍ରକାଶ ପାଇଥିଲା । କିନ୍ତୁ ତୁଳନା କରି ଦେଖିଲେ ଆମେ ଜାଣିପାରିବା ଯେ, ସାଧାରଣ ଲୋକ ଓ ଲୋକପ୍ରତିନିଧିମାନଙ୍କୁ ବଜେଟ୍ ପ୍ରକ୍ରିୟାରୁ ଦୂରେଇ ରଖିବା ଏବଂ ବଜେଟକୁ ଅମଲାତନ୍ତ୍ରର ଏକ ହାତବାରିସୀ କରି ରଖିବା କ୍ଷେତ୍ରରେ ଔପନିବେଶିକ ଯୁଗର ବଜେଟ୍ ମାନୁଆଲ୍ ୧୯୪୦ ଓ ସ୍ୱାଧୀନୋତ୍ତର କାଳର ବଜେଟ୍ ମାନୁଆଲ୍ ୧୯୬୩ ମଧ୍ୟରେ କୌଣସି ମୌଳିକ ପାର୍ଥକ୍ୟ ନାହିଁ ।

## ଓଡ଼ିଶା ବିଧାନସଭା ନିୟମାବଳୀ ( Rules of Procedure and Conduct of Business)

କେବଳ ବଜେଟ୍ ମାନୁଆଲ୍ ନୁହେଁ, ଓଡ଼ିଶା ବିଦାନସଭା ନିୟମାବଳୀ ମଧ୍ୟ ଏପରି ପ୍ରସ୍ତୁତ କରାଯାଇଛି ଯେ, ବିଧାୟକମାନେ ବଜେଟ୍ ପ୍ରକ୍ରିୟାକୁ ପ୍ରଭାବିତ କରିବା କ୍ଷେତ୍ରରେ ବସ୍ତୁତଃ କ୍ଷମତାଶୂନ୍ୟ ହୋଇ ରହିବେ । ଉଦାହରଣ ସ୍ୱରୂପ, ଏହାର ଧାରା ୧୨୩, ଉପଧାରା ୪ ରେ କୁହାଯାଇଛି ଯେ, **"Motions may be moved .. to reduce the amount specified in a demand for grant, but not to increase or alter the destination of such grant"** ଅର୍ଥାତ୍ ଏକ ବ୍ୟୟଦାବୀକୁ କମାଇବାକୁ ପ୍ରସ୍ତାବ ଅଣାଯାଇପାରେ, କିନ୍ତୁ ଏହାକୁ ବଢାଇବା ବା ଏହାର ଉଦ୍ଦେଶ୍ୟକୁ ବଦଳାଇବା ପାଇଁ ନୁହେଁ । ସେହିପରି ଧାରା ୧୩୨ ଅଗ୍ରୀମ ବ୍ୟୟବରାଦ (**Vote on Account**) କ୍ଷେତ୍ରରେ ଉପଧାରା ୨ରେ କୁହାଯାଇଛି ଯେ, **"Amendments may be moved for the reduction of the whole grant or for the omission of the items whereof the grant is composed"** . ଅର୍ଥାତ୍ ଏକ ଅଗ୍ରୀମ ବ୍ୟୟଦାବୀର ସଂଶୋଧନ ପ୍ରସ୍ତାବ ସୂଚୀତ ପରିମାଣକୁ କମାଇବାପାଇଁ ନଚେତ୍ ଏହାର ଉଦ୍ଦିଷ୍ଟ ଲକ୍ଷ୍ୟ ସମୂହକୁ ବାତିଲ୍ ପାଇଁ କେବଳ ଆଗତ ହୋଇପାରେ । ପୁଣି ଉପଧାରା ୩ରେ ଆଉ ଏକ ସଂକୋଚନକାରୀ ବ୍ୟବସ୍ଥା ରହିଛି- **"Discussion of a general character shall be allowed on the motion or any amendments moved thereto but the details of the grant shall not be discussed further than is necessary to develop the general points."** ଅର୍ଥାତ୍ ଏହିଭଳି ଏକ ପ୍ରସ୍ତାବ ବା ତହିଁର ସଂଶୋଧନୀ ପ୍ରସ୍ତାବ ଉପରେ କେବଳ ଏକ ସ୍ଥୂଳ ଆଲୋଚନାର ସୁଯୋଗ ଦିଆଯାଇପାରେ, କିନ୍ତୁ ଚିକିନିଖି ଆଲୋଚନା ପାଇଁ ନୁହେଁ । ବିଧାନ ସଭା ନିଜେ ନିଜର କ୍ଷମତାକୁ ଖର୍ବକରି ଉପଧାରା ୩ରେ କହିଛି ଯେ, **"No motion for appropriation can be made except on the recommendation of the Governor"** ଅର୍ଥାତ୍ ରାଜ୍ୟପାଳଙ୍କ ବିନା ସୁପାରିଶ୍‌ରେ କୌଣସି ବ୍ୟୟବରାଦ ପ୍ରସ୍ତାବ ଆଗତ ହୋଇପାରିବ ନାହିଁ ।

ବିଧାନସଭା ନିୟମାବଳୀର ଧାରା ୧୩୪-୧୩୬ରେ ବିଧାନସଭାର ୯ଜଣ ଅଣମନ୍ତ୍ରୀ ସଭ୍ୟଙ୍କୁ ନେଇ ଏକ ପବ୍ଲିକ୍ ଆକାଉଣ୍ଟସ୍ କମିଟି ( **Public Accounts Committee**) ଗଠିତ ହୋଇ ଗୃହଦ୍ୱାରା ମଞ୍ଜୁର ହୋଇଥିବା ଅର୍ଥର ଉପଯୋଗକୁ ବାର୍ଷିକ ସମୀକ୍ଷା କରିବା ଓ ତହିଁର ରିପୋର୍ଟ ପ୍ରଦାନ କରିବାର ବ୍ୟବସ୍ଥା ରହିଛି । କିନ୍ତୁ ଏହି କମିଟିର ରିପୋର୍ଟ ଭିତ୍ତିରେ ରାଜ୍ୟପାଳ, ପ୍ରଶାସନ ବା ଗୃହ ନିଜେ କୌଣସି କାର୍ଯାନୁଷ୍ଠାନ ଗ୍ରହଣ କରିବେ ବୋଲି କେଉଁଠି ହେଲେ ଉଲ୍ଲେଖ ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରଚଳିତ ସାମ୍ବିଧାନିକ ବ୍ୟବସ୍ଥାରେ ରାଜ୍ୟପାଳ ଜଣେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ନିର୍ବାଚିତ ଲୋକ ପ୍ରତିନିଧି ନୁହନ୍ତି, ବରଂ କେନ୍ଦ୍ର ସରକାରଙ୍କ ସୁପାରିଶ୍ ଭିତ୍ତିରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ଜଣେ କର୍ମଚାରୀ, ଯାହାଙ୍କ କାର୍ଯକାଳ ସଂପୂର୍ଣ୍ଣରୂପେ କେନ୍ଦ୍ରସରକାର ଓ ରଷ୍ଟ୍ରପତିଙ୍କ ଖୁସି ଉପରେ ନିର୍ଭର କରେ । ସେ ବିଧାନ ସଭା ପାଖରେ କୌଣସି ବ୍ୟାପାରରେ ଉତ୍ତରଦାୟୀ ନୁହନ୍ତି, କିନ୍ତୁ ସେ ଚାହିଁଲେ ଗୋଟିଏ ନିର୍ବାଚିତ ବିଧାନସଭାକୁ ଭାଙ୍ଗି ତା ସ୍ଥାନରେ ରଷ୍ଟ୍ରପତି ଶାସନ ଜାରି କରିପାରିବେ । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଗୋଟିଏ ବିଧାନସଭା ନିଜର ନିୟମାବଳୀରେ କିପରି ଏଭଳି ଜଣେ ଅସ୍ଥାୟୀ, ବହିରାଗତ ଓ ଅନୁତ୍ତରଦାୟୀ ରାଜକର୍ମଚାରୀଙ୍କ ଉପରେ କେବଳ ବଜେଟ୍ ନୁହେଁ, ରାଜ୍ୟ ଶାସନର ମୌଳିକ ବ୍ୟାପାରଗୁଡିକ କ୍ଷେତ୍ରରେ ଅମାପ କ୍ଷମତା ପ୍ରଦାନ କଲା, ତାହା ଅତ୍ୟନ୍ତ ବିସ୍ମୟକର, ଯାହାର ପଟାନ୍ତର ଗଣତାନ୍ତ୍ରିକ ବିଶ୍ୱରେ କୁତ୍ରାପି ନାହିଁ ।

## ଭାରତ ଶାସନ ଆଇନ୍ ୧୯୩୫ର ବଜେଟ୍ ସଂବଧୀୟ ବିଧିବ୍ୟବସ୍ଥା

ସମସ୍ତେ ଜାଣିଛନ୍ତି; ବର୍ତ୍ତମାନର ସଂବିଧାନ ପ୍ରଥମେ ଯେତେବେଳେ ୨୬ ଜାନୁଆରୀ ୧୯୫୦ରେ ଘୋଷିତ ହେଲା, ତାହା ପୂର୍ବରୁ ଇଂରେଜମାନଙ୍କ ପ୍ରଣୀତ ଭାରତ ଶାସନ ଆଇନ୍ ୧୯୩୫ ( **Government of India Act 1935** ) ସମ୍ବଧାନର ମାନ୍ୟତା ପାଇ କାର୍ଯ୍ୟକାରୀ ହେଉଥିଲା । ଏହି ଆଇନ୍‌ରେ ବର୍ତ୍ତମାନର ସାମ୍ବିଧାନିକ ବ୍ୟବସ୍ଥାଭଳି ରାଜ୍ୟପାଳଙ୍କୁ ରାଜ୍ୟଶାସନ ବ୍ୟାପାରରେ ପ୍ରଭୁତ

କ୍ଷମତା ଦିଆଯାଇଥିଲା । ଦୃଷ୍ଟାନ୍ତ ସ୍ୱରୂପ, ଏହାର ୫ମ ଅନୁଭାଗ ( Chapter V – Provincial Autonomy)ରେ ସ୍ପଷ୍ଟଭାବେ ଦର୍ଶାଯାଇଛି ଯେ, "Any rules made by a Governor are to prevail over any rule made by a Legislature in his Province which may conflict or be inconsistent with them" ଅର୍ଥାତ୍ ବିଧାନସଭାଦ୍ୱାରା ପ୍ରଣୀତ କୌଣସି ଆଇନ୍ ରାଜ୍ୟପାଳଙ୍କ ପ୍ରଣୀତ ଆଇନ୍ ସହିତ ଅସଂଗତ ମନେହେଲେ, ରାଜ୍ୟପାଳଙ୍କ ଆଇନ୍ ହିଁ କାଏମ୍ ରହିବ ।

ପ୍ରାଦେଶିକ ବଜେଟ୍ ବ୍ୟାପାରରେ ମଧ୍ୟ ଭାରତ ଶାସନ ଆଇନ୍ ୧୯୩୫ ଯେଉଁ ବ୍ୟବସ୍ଥାମାନ ରଖିଥିଲା, କେବଳ ସାମାନ୍ୟ ଭାଷାଗତ ଅଦଳବଦଳକୁ ବାଦଦେଲେ, ସେଗୁଡିକର ମୋଟାମୋଟି ନକଲ ଆମେ ଦେଖିବାକୁ ପାଉ ପ୍ରଚଳିତ ସମ୍ବିଧାନ, ବଜେଟ୍ ମାନୁଆଲ, ବିଧାନସଭା ନିୟମାବଳୀ ତଥା ଅନ୍ୟାନ୍ୟ ସଂପୃକ୍ତ ସରକାରୀ ଦଲିଲ୍‌ରେ । ଉଦାହରଣ ସ୍ୱରୂପ, ଏହି ଆଇନ୍‌ର ଧାରା ୭୮ ରେ ସେହି ସବୁ ବ୍ୟବସ୍ଥାର ଉଲ୍ଲେଖ ରହିଛି, ଯେଉଁଗୁଡିକ ଉପରବର୍ଣ୍ଣିତ ସମ୍ବିଧାନର ଧାରା ୨୦୨ ଓ ୨୦୩ ରେ ଅଛି । ଏହି ଧାରାରେ ଭୋଟ୍ - ଅନାପେକ୍ଷ, ବିଧିନ୍ୟସ୍ତ ବ୍ୟୟବରାଦ (Expenditure Charged on Consolidated Fund of the State) ସଂପର୍କରେ କୁହାଯାଇଛି ଯେ, "The estimates of expenditure charged upon the revenue of a Province are not to be submitted to the vote of the Legislative Assembly. Such estimates, other than those relating to the salary and allowances of the Governor and the expenditure relating to his office, can however, be discussed." ଅର୍ଥାତ୍ ପ୍ରାଦେଶିକ ପାଣ୍ଠି ଉପରେ ପ୍ରାକ୍-ଧାର୍ଯ୍ୟ ବ୍ୟୟବରାଦ ସମ୍ବନ୍ଧରେ ବିଧାନସଭାରେ ଭୋଟ୍ କରାଯାଇପାରିବ ନାହିଁ । କିନ୍ତୁ ରାଜ୍ୟପାଳଙ୍କ ବେତନ ଓ ଭତ୍ତା ତଥା ତାଙ୍କ କାର୍ଯ୍ୟାଳୟର ଖର୍ଚ୍ଚକୁ ବାଦ ଦେଇ ଅନ୍ୟାନ୍ୟ ବ୍ୟୟବରାଦ ସମ୍ବନ୍ଧରେ ଆଲୋଚନା ହୋଇପାରିବ ।

ଏହା ସହଜରେ ଅନୁମେୟ ଯେ, ଇଂରେଜ ଶାସକମାନେ ୧୯୩୫ ଭାରତ ଶାସନ ଆଇନ୍ ଅନୁଯାୟୀ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଗଠିତ ପ୍ରାଦେଶିକ ଆଇନ୍‌ସଭାକୁ କେବଳ କେତେକ ସୀମିତ ବିଷୟରେ ଆଲୋଚନା ଓ ମତଦାନ କରିବାପାଇଁ କ୍ଷମତା ପ୍ରଦାନ କରିଥିଲେ, କିନ୍ତୁ ରାଜ୍ୟଶାସନର ଚୂଡାନ୍ତ କ୍ଷମତା, ଉପରୁ ନିଯୁକ୍ତ ହୋଇଥିବା ରାଜ୍ୟପାଳଙ୍କ ହାତରେ ଠୁଳ କରି ରଖିଥିଲେ । ସେମାନେ ଜାଣିଥିଲେ, ଆଇନ୍ ସଭାରେ ଭାରତୀୟ ପ୍ରତିନିଧି ମାନଙ୍କୁ ସବୁ ବିଷୟରେ ଆଲୋଚନା କରିବା ଓ ମତଦାନ କରିବାର ଅଧିକାର ଦେବା ଅର୍ଥ, ନଜେ ଚଳାଉଥିବା ଶାସନତନ୍ତ୍ର ପ୍ରତି ଅଶ୍ରଦ୍ଧା ଓ ବିରୋଧ ସୃଷ୍ଟି କରିବା । ଗୋଟିଏ ବିଦେଶୀ ଶାସକ ଗୋଷ୍ଠୀ ପକ୍ଷେ ଭାରତୀୟମାନଙ୍କ ପାଇଁ ଏତାଦୃଶ ଦ୍ୱୈତ ବ୍ୟବସ୍ଥା ଚାଲୁ କରିବା ଏବଂ ଚଳାଇ ରଖିବା ଏକ ବିଚିତ୍ର ଘଟଣା ନୁହେଁ ।

କିନ୍ତୁ ବିଡମ୍ବନା ଏହିକି ଯେ, ସ୍ୱାଧିନତା ପ୍ରାପ୍ତିପରେ ଯଦିଓ ଭାରତ ଶାସନ ଆଇନ୍ ୧୯୩୫ ଔପଚାରିକ ଭାବେ ପ୍ରତ୍ୟାହୃତ ହୋଇଛି ଏବଂ ଖୋଦ୍ ଭାରତୀୟ ପ୍ରତିନିଧି ମାନଙ୍କୁ ନେଇ ଗଠିତ ସମ୍ବିଧାନ-ସଭା ଦ୍ୱାରା ଦୀର୍ଘ ୩ବର୍ଷ ବ୍ୟାପୀ ତର୍କବିତର୍କର ପରିଣତିରେ ୧୯୫୦ରେ ଏକ ଭାରତୀୟ ସମ୍ବିଧାନ ଘୋଷିତ ହୋଇଛି, ଦେଶରେ ଏବେବି ମୂଳତଃ ଔପନିବେଶିକ ୧୯୩୫ ଆଇନ୍‌ର ଅନୁରୂପ ଏକ ଅତିକେନ୍ଦ୍ରୀଭୂତ ଓ ମଥାଭାରୀ ଶାସନ-ଢାଞ୍ଚା ପ୍ରଚଳିତ ରହିଛି, ଯେଉଁଥିରେ କେବଳ ଯେ ନାଗରିକ ମାନଙ୍କର ସାଧାରଣ ସ୍ୱାର୍ଥ ଭୂଲୁଣ୍ଠିତ, ତାହା ନୁହେଁ, ଲୋକ ପ୍ରତିନିଧି ମାନଙ୍କର ସ୍ୱାଧୀନ କଣ୍ଠସ୍ୱର ମଧ୍ୟ ଆଇନ୍‌ର ଇନ୍ଦ୍ରଜାଲରେ ସ୍ତବ୍ଧୀଭୂତ ।

## ବଜେଟ୍ ସମୀକ୍ଷକଙ୍କ ପାଇଁ ଆହ୍ୱାନ

ଏପ୍ରକାର ଏକ ଜଘନ୍ୟ ପରିସ୍ଥିତିରେ ଯେଉଁମାନେ ଭାବୁଛନ୍ତି, ଜନବିତର୍କ ବା ଜନଆନ୍ଦୋଳନର ଚାପରେ ସଂସଦ ବା ବିଧାନସଭା ଗୃହରେ ଏକ ଲୋକମୁଖୀ ବଜେଟ୍‌ର ଅନୁମୋଦନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିହେବ, ସେମାନଙ୍କର ବିଚାରବିଭ୍ରାଟ ଘଟିଛି ବୋଲି ମନେହୁଏ । ଯେଉଁ ଶାସନ-ବ୍ୟବସ୍ଥାରେ ବଜେଟ୍‌କୁ ପ୍ରଭାବିତ କରିବା କ୍ଷେତ୍ରରେ ଖୋଦ୍ ଲୋକପ୍ରତିନିଧି ମାନଙ୍କର କ୍ଷମତା ମୂଳରୁ ସାମ୍ବିଧାନିକ ଭାବେ ସୀମିତ ଓ ଖଣ୍ଡିତ, ସେଠି ଗଣମାଧ୍ୟମଗୁଡିକ କ'ଣ କରିବେ ବା ଜନ-ଆନ୍ଦୋଳନ ଅବା କ'ଣ କରି ପାରିବ ? ସମ୍ବିଧାନ ଘୋଷଣା ହେବାର ଗତ ୫୩ ବର୍ଷ ଭିତରେ ବଜେଟ୍ ସମୀକ୍ଷା ଅନେକ ହୋଇଛି, କିନ୍ତୁ ଫଳ କ'ଣ ହୋଇଛି ? ସୁତରାଂ ବେଳ ଆସିଛି, ଆମ ଦେଶରେ ସମ୍ବିଧାନର ଆଢୁଆଳରେ ଗୋଟାପଣେ ମହଜୁତ୍ ରହିଥିବା ଔପନିବେଶିକ ଶାସନ-ଢାଞ୍ଚାକୁ କବର ଦେଇ, ଏପରି ଏକ ପ୍ରକୃତ ଗଣତାନ୍ତ୍ରିକ ବ୍ୟବସ୍ଥା ଚାଲୁ କରିବାକୁ ପଡିବ, ଯେଉଁଥିରେ ଜନଗଣଙ୍କ ପକେଟ୍ ରୁ ଆସୁଥିବା ପ୍ରତିଟି ପଇସା ପାଇଁ ନାଗରିକ ତଥା ଜନପ୍ରତିନିଧିଙ୍କ ପାଖରେ ଶାସନକଳ ଉତ୍ତରଦାୟୀ ରହିପାରୁଥିବ ।

Chitta Ranjan Behera, 4A Jubilee Tower, Choudhury Bazar, Cuttack-9,
PH: 0671-2623518, Email: chittabehera@rediffmail.com